# Akashvani, Sambalpur

# SAMBALPURI NEWS BULLETIN

## 15 March 2025- 6.47- 6.52 am.

**********************************************

ହୋଲି          ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ରଙ୍ଗର ପରବ୍ ହୋଲି । ଗାଁ ନୁ ନେଇକରି ସହର୍‌ତକ୍ ଖୋବ୍ ଉସ୍‌ନାକିଥି ଲୁକେ ମନଉଛନ୍ ରଙ୍ଗର୍ ପରବ୍ ହୋଲି । ହୋଲି ଉତ୍ସବ୍ ପାଲନ୍ ଆଘୋନୁ ଆଏଜ୍ ସଖାଲୁ ମନ୍ଦିର୍ ମାନ୍‌କେ ଖାସ୍ ପୂଜା କରାଯାଉଛେ । ଗଲାକାଏଲ୍ ପଶ୍ଚିମ ଓଡ଼ିଶାର୍ ସବୁ ଜାଗା ନ ଗୁଁଡ଼ିଖାଇ ମନାଯାଇଛେ । ଋତୁର୍ ନୂଆଁ ଫଲ୍ ଫୁଲ୍ ଦେଦେବ୍‌ତାଙ୍କର୍ ନ ଭୋଗ୍ ଲଗାଯାଇଛେ । ହୋଲି ଅବ୍‌ସରେ ଗାଁ ଆର୍ ସହର୍‌ର ଭିନ୍ ଭିନ୍ ଜାଗା ନ ନାମଯଜ୍ଞ ଆୟୋଜନ୍ କରାଯାଉଛେ ।

ହୋଲି ପାଲନ୍ ସମିଆଥି ଦୁର୍ଘଟଣା ରୁକ୍‌ବାର୍ ଲାଗି ରାଜ୍ୟ ଅଗ୍ନିଶମ ବିଭାଗ୍ ତର୍‌ଫୁ ବ୍ୟାପକ ପ୍ରସ୍ତୁତି କରାଯାଇଛେ । ସାରା ରାଏଜେ ୩ ଶହ ୪୫ ଅଗ୍ନିଶମ ଦଳ ମୁତୟନ ରହେବେ । ଇତାର୍‌ସହେତେ ଫି’ ଜିଲ୍ଲାର୍ ସଦର୍ ମହକୁମା ମାନ୍‌କୁ ସୁରକ୍ଷା

ବଳର ଗୁଟେ ଲେଖା ଦଲ୍ ମୁତୟନ୍ ରହେବେ ବଲି ପୁଲିସ୍ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ଆର୍ଏନ୍ୟୁ/ ସମ୍ବଲପୁର

ବିଧାନ୍‌ସଭା ବଜେଟ୍ ଅଧିବେଶନ୍ ଚାଲିଥିବାର୍‌ନୁ ମୁଖ୍ୟମନ୍ତ୍ରୀଙ୍କର୍ ଭୁବ୍‌ନେଶ୍ୱର୍‌ର ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ନ ଆଏବା ସୋମ୍‌ବାର୍ ଦିନ ଶୁଣାଣି ବନ୍ଦ ରହେବା । ଆଏବା ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ବୃହତର ରିଂରୋଡ୍ ନେଟ୍‌ୱାର୍କ ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟ ସର୍କାର୍ ୨୦୩୬ ମସିହାତକ୍ ସଡ଼କ୍ ସଂଯୋଗୀକରଣ୍ ବର୍କସ୍ କର୍‌ବାର୍ ଲାଗି ବୃହତର ରିଂରୋଡ୍ ପ୍ରକଳ୍ପ ଜରିଏ ୫ ଶହ ୬୪ କିଲୋମିଟର୍ ରାସ୍ତା ତିଆର୍ କର୍‌ବାର୍ ଲାଗି ଲକ୍ଷ୍ୟ ରଖିଛନ୍ । ବ୍ରହ୍ମପୁର୍‌ନୁ ଜୟପୁର୍ ତକ୍ ୨ ଶହ ୮୭ କିଲୋମିଟର୍ ଆଉ ଜୟପୁର୍‌ନୁ-ରାଉର୍‌କେଲାତକ୍ ଶହେ ୧

କିଲୋମିଟର୍, ରାଉର୍କେଲା ଆର୍ ଜଲେଶ୍ୱର୍ ଭିତ୍ରେ ଶହେ ୭୬ କିଲୋମିଟର୍ ରାସ୍ତାକେ ୪ ଥାକିଆ କରାଯିବା ବଲି ସର୍କାର୍ ଲକ୍ଷ୍ୟ ରଖିଛନ୍ । ସେନ୍ତା ଝାର୍ସୁଗୁଡ଼ାନୁ ବାଲେଶ୍ୱର୍ତକ୍ ୩ ଶହ ୮୩ କିଲୋମିଟର୍ ରାସ୍ତାକେ ୬ ଥାକିଆ ରାସ୍ତା ବନାବାର୍କେ ସର୍କାର୍ଙ୍କର୍ ପ୍ରସ୍ତାବ୍ ରହିଛେ । କଲାହାଣ୍ଡି ଜିଲ୍ଲାର୍ ବୃନ୍ଦାବାହାଲ୍ନୁ ଗୋପାଲ୍ପୁର୍ତକ୍ ୩ ଶହ ୫୭ କିଲୋମିଟର୍ ରାସ୍ତାକେ ୬ ଥାକିଆ ଆର୍ ସମ୍ବଲ୍ପୁର୍ନୁ ସାତଭାୟାତକ୍ ୪ ଶହ ୪ କିଲୋମିଟର୍ ରାସ୍ତାକେ ଭିଲ୍ ୬ ଥାକିଆ କର୍ବାର୍ ଲାଗି ସର୍କାର୍ଙ୍କର୍ ପ୍ରସ୍ତାବ୍ ଥିବାର୍ ସର୍କାରୀ ସୂତ୍ରନୁ ଜନାପଡ଼ିଛେ ।

ପିଏମ୍ ଆବାସ ଗ୍ରାମୀଣ ଯୋଜ୍ନା ସର୍ଭେ /ଆର୍ଏନ୍ୟୁ ସମ୍ବଲପୁର

ଜାନୁଆରୀ ୨୪ ନୁ ମୁଲ୍ ହେଇଥିବା ପ୍ରଧାନ୍ମନ୍ତ୍ରୀ ଆବାସ ଗ୍ରାମୀଣ ଯୋଜ୍ନାର୍ ସର୍ଭେ କାମ୍ ମାର୍ଚ୍ଚ ୩୧ ତାରିଖ୍ତକ୍ ଚାଲ୍ବା । ଏବ୍ତକ୍ ସର୍ଭେଥି ୧୯ ଲାଖ୍ ଲୋକ୍ ପଞ୍ଜିକୃତ ହେଇଛନ୍ । ଶେଷ୍ ତାରିଖ୍କେ ଆହୁରି ୧୭ ଦିନ୍ ଥିବାର୍ନୁ ଇଥି

ଅଏତ୍କାନୁ ଅଏତ୍କା ଲୋକ୍ ସାମିଲ୍ ହେବାର୍ ସମ୍ଭାବନା ରହିଛେ । ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନା ତାଲିକା ନୁ ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀମାନ୍‌କୁ ଆବାସ୍ ପ୍ଲସ୍ ମୋବାଇଲ୍ ଆପ୍ ଜରିଏ ଚିହ୍ନଟ୍ କରାଯାଉଛେ ବଲି ରାଜ୍ୟ ସର୍‌କାର୍‌ଙ୍କର୍ ତରଫୁ କୁହାଯାଇଛେ ।

ବିଶ୍ୱସ୍ତରୀୟ ସଡ଼କ୍ ନେଟ୍‌ୱର୍କ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍ ଆଏବା ୫ ବଛରେ ୧୫ ହଜାର୍ କିଲୋମିଟର୍ ନୂଆଁ ରାସ୍ତା ସହେତେ ଗୁଟେ ବିଶ୍ୱସ୍ତରୀୟ ସଡ଼କ୍ ନେଟ୍‌ୱର୍କ ବନାବାର ଯୋଜ୍‌ନା କରିଛନ୍ । ପୂର୍ତ ବିଭାଗ୍ ୫ ହଜାର୍ ୭ ଶହ ୫୩ କିଲୋମିଟର୍ ଜାତୀୟ ରାଜ୍‌ପଥ୍ ତିଆର୍ ଆର୍ ଦେଖ୍‌ରେଖ୍ ଲାଗି ସବୁ ପ୍ରକାର୍ ପ୍ରସ୍ତୁତି ମୁଲ୍ କରିଛେ । ଇତାର୍‌ଛଡ଼ା ପୂର୍ତ ବିଭାଗ୍ ଭିନ୍ ଭିନ୍ ପ୍ରକାରର୍ ରାସ୍ତା ନିର୍ମାଣ୍ କର୍‌ବାର୍‌କେ ଯୋଜ୍‌ନା କରିଛେ । ଯେନ୍‌ଥି ରାଜ୍ୟ ରାଜ୍‌ପଥ୍‌ର ୪ ହଜାର୍ ଶହେ ୧୨ କିଲୋମିଟର୍ ମୁଖିଆ ଜିଲ୍ଲା ରାସ୍ତାର୍ ୨ ହଜାର୍ ୬ ଶହ ୩୨ କିଲୋମିଟର୍ ଆଉ ଅଲ୍‌ଗା ଜିଲ୍ଲା ରାସ୍ତାର୍ ୨୨ ହଜାର୍ ୮ ଶହ ୬୬ କିଲୋମିଟର ରାସ୍ତା ରହିଛେ ।

ମୋ ବସ୍- ସିସିଟିଭି ଆର୍‌ଏନ୍‌ୟୁ/ ସମ୍ବଲପୁର

ମୋ ବସ୍‌ଥି ଦୁର୍ଘଟଣାକେ ରୁକ୍‌ବାର୍ ଲାଗି ବସ୍‌ର ଆଗାଢ଼େ ଆଉ ପଛ୍‌ଆଢ଼େ ସିସିଟିଭି କେମ୍‌ରା ଲଗାଯିବା ବଲି ଗୃହ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ । ଆଏବା ଦିନେ ମୋ ବସ୍‌ର ଡ୍ରାଇଭର୍ ମାନ୍‌କୁ ଅଏତ୍‌କା ଦକ୍ଷ କର୍‌ବାର୍ ଲାଗି ତାଲିମ୍ ଦିଆଯିବା ବଲି ସର୍‌କାର୍ ଲକ୍ଷ୍ୟ ରଖିଛନ୍ । ନିଶା ଦରବ୍ ଖାଇକରି ଗାଡ଼ି ଚଲାବାର୍‌ନୁ ରୁକ୍‌ବାର୍‌କେ ଦିନ୍‌କୁ ୩ ଥର୍ ଯାଂଚ୍ କରାଯାଉଛେ । ୭ ଟା ମାମ୍‌ଲାଥି ମୋ ବସ୍ ଡ୍ରାଇଭର୍ ମାନ୍‌କୁ ବର୍‌ଖାସ୍ତ କରାଯାଇଥିବାର୍ ବେଲେ ସେମାନ୍‌କର୍ ଲାଇସେନ୍ସ ବାତିଲ୍ କର୍‌ବାର୍‌କେ ଆର୍‌ଟିଓଙ୍କୁ ଚିଠି ଲେଖାଯାଇଛେ ବଲି ମନ୍ତ୍ରୀ ଶ୍ରୀ ମହାପାତ୍ର ସୂଚ୍‌ନା ଦେଇଛନ୍ ।

ବୃନ୍ଦାବନ୍ ମହୋତ୍ସବ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ୍ ଆର୍ ବୃନ୍ଦାବନ୍ ଗୁରୁକୁଲ୍ ତର୍‌ଫୁ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ରବୀନ୍ଦ୍ର ମଣ୍ଡପ୍ ଠାନେ ବୃନ୍ଦାବନ୍ ମହୋତ୍ସବ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି

ମଥୁରା ସାଂସଦ୍ ଆର୍ ବିଶିଷ୍ଟ ଅଭିନେତ୍ରୀ ହେମାମାଲିନୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ଭଜନ୍ ଆର୍ ଜୟଦେବଙ୍କର୍ ଗୀତଗୋବିନ୍ଦ ଉପ୍ରେ ଭାରତ୍ ନାଟ୍ୟମ୍ ନୃତ୍ୟ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଓଡ଼ିଶାନୁ ମିଳିଥିବା ଆତିଥ୍ୟ ଲାଗି ଧନ୍ୟବାଦ୍ ଦେବାର୍ ସହେତେ ଅତିଥିମାନ୍‌କର୍ ସାଙ୍ଗେ ହୋଲି ଅବ୍‌ସରେ ରଙ୍ଗ୍ ଖେଲିଥିଲେ ।

କର୍ଡ଼ୋଲା-ପର୍ଯ୍ୟଟନ୍ ହବ      ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁରର୍ କର୍ଡ଼ୋଲା ଗାଁକେ ପର୍ଯ୍ୟଟନ୍ ହବ୍ କରାଯିବା । ଇ ବାବ୍‌ଦେ ପର୍ଯ୍ୟଟନ୍ ବିଭାଗ୍‌ର ସଚିବ ବଲ୍‌ୱନ୍ତ୍ ସିଂ ଆର୍ ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ଗାଁକେ ପୁହୁଁଚିକରି ବୁଣାକାର୍‌ମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ବୁଣାକାର୍‌ମାନ୍‌କୁ ସର୍‌କାର୍‌ଙ୍କର୍ ତର୍‌ଫୁ ଦିଆଯାଉଥିବା ଭିନ୍ ଭିନ୍ ଯୋଜ୍‌ନା ବାବ୍‌ଦେ ଭିଲ୍ ସୂଚ୍‌ନା ଦେଇଛନ୍ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ୩ ଦିନ୍‌ତକ୍ ଗ୍ରୀଷ୍ମପ୍ରବାହ ଲାଗି ରହେବା । ଇ ସମିଆଥି ଦିନର୍ ତାତି ୨ ନୁ ୩ ଡିଗ୍ରୀତକ୍ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଗଲାକାଏଲ୍ ଝାର୍‌ସୁଗୁଡ଼ା ନ ରାଜ୍ୟର୍ ସବୁନୁ ଜହ ତାତି ୪୧ ଦଶ୍‌ମିକ୍ ୮ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ସେନ୍ତା ୧୧ ଟା ସହରର୍ ତାପମାତ୍ରା ୪୦ ଡିଗ୍ରୀ ଉପ୍‌ରେ ରହିଥିଲା । ସେଆଡ଼େ ବଲାଙ୍ଗିର ଆର୍ ଟିଟିଲାଗଡ଼୍ ନ ୪୧, ବୌଦ୍ଧ ଆର୍ ସୋନ୍‌ପୁର୍ ନ ୪୦ ଦଶ୍‌ମିକ୍ ୫,ସମ୍ବଲ୍‌ପୁର୍ ନ ୪୦ ଦଶ୍‌ମିକ୍ ୩, ସୁନ୍ଦର୍‌ଗଡ଼୍ ଆର୍ ହୀରାକୁଦ୍ ନ ୪୦ ଦଶ୍‌ମିକ୍ ୧ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।